# NATIONAL NEWS BULLETIN (ODIA)

## 1 December - 2025

## Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ଆଜିଠାରୁ ହେଉଛି ଆରମ୍ଭ ହେଉଛି ସଂସଦର ଶୀତକାଳୀନ ଅଧିବେଶନ ।
- ସାରସ ଆଜିବିକା ଖାଦ୍ୟ ମହୋତ୍ସବ ୨୦୨୫କୁ ନୂଆଦିଲ୍ଲୀରେ ଆଜି ଉଦ୍‌ଘାଟନ କରିବେ ଗ୍ରାମୀଣ ବିକାଶ ମନ୍ତ୍ରୀ ।
- ଘୂର୍ଣ୍ଣିଝଡ଼ ଦିତ୍‌ୱା ପ୍ରଭାବରେ ଶ୍ରୀଲଙ୍କାରେ ମୃତ୍ୟୁସଂଖ୍ୟା ୩୩୪କୁ ବୃଦ୍ଧି ।

\- ଅପରେସନ ସାଗରବନ୍ଧୁ ଅଧୀନରେ ସହଯୋଗ ପ୍ରଦାନ କରୁଛି ଭାରତ ।

- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଜି ଅନୁଷ୍ଠିତ ହେବ ଜାତୀୟସ୍ତରୀୟ ବିଶ୍ୱ ଏଡ୍‌ସ ଦିବସ ।

ଏବଂ

- ରାଞ୍ଚି ଆନ୍ତର୍ଜାତିକ ଦିନିକିଆ କ୍ରିକେଟ୍ ମ୍ୟାଚ୍‌ରେ ଦକ୍ଷିଣଆଫ୍ରିକାକୁ ୧୭ ରନ୍‌ରେ ପରାସ୍ତ କଲା ଭାରତ ।

# ପାର୍ଲ୍ୟାମେଣ୍ଟ ଓ୍ୱିଣ୍ଟର ସେସନ

ସଂସଦର ଶୀତକାଳୀନ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଧିବେଶନରେ ୧୫ଟି କାର୍ଯ୍ୟଦିବସ ରହିଛି । ଅଧିବେଶନ କାଳରେ ୧୩ଟି ବିଲ୍ ଆଗତ ହେବାର ସମ୍ଭାବନା ରହିଛି । ସେଗୁଡ଼ିକ ମଧ୍ୟରେ ଜାତୀୟ ରାଜପଥ ସଂଶୋଧନ ବିଲ୍, ପରମାଣୁ ଶକ୍ତି ବିଲ୍, କର୍ପୋରେଟ୍ ଆଇନ୍ ସଂଶୋଧନ ବିଲ୍, ବୀମା ଆଇନ୍ ସଂଶୋଧନ ବିଲ୍, ଭାରତୀୟ ଉଚ୍ଚଶିକ୍ଷା କମିଶନ ବିଲ୍-୨୦୨୫ ଆଦି ରହିଛି । ଲୋକସଭାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଶୋଧନ ବିଲ୍, ସ୍ୱାସ୍ଥ୍ୟସୁରକ୍ଷା ଏବଂ ଜାତୀୟ ସୁରକ୍ଷା ଶେଶ୍ ବିଲ୍-୨୦୨୫ ଆଦି ଉପସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି ।

ଅଧିବେଶନ ପୂର୍ବରୁ ଗତକାଲି ନୂଆଦିଲ୍ଲୀଠାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୃହକାର୍ଯ୍ୟକୁ ସୁରୁଖୁରୁରେ ସମ୍ପନ୍ନ କରିବା ନେଇ ଆଲୋଚନା ହୋଇଛି । ୩୬ଟି ରାଜନୈତିକ ଦଳର ୫୦ଜଣ ନେତା ଏହି ବୈଠକରେ ଯୋଗ ଦେଇଥିଲେ । ବୈଠକ ପରେ ସାମ୍ବାଦିକଙ୍କ ସହ ଆଲୋଚନା କାଳରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଅଧିବେଶନ ସମୟରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ନେଇ ରାଜନୈତିକ ଦଳ ଗୁଡ଼ିକର ସହଯୋଗ କାମନା କରାଯାଇଛି । ଉଭୟ ଗୃହର ନିୟମ ଅନୁଯାୟୀ ଯେକୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି ।

## ସାରସ ଫୁଡ୍ ଫେଷ୍ଟିଭାଲ

ସାରସ ଆଜିବିକା ଖାଦ୍ୟ ମହୋତ୍ସବ ୨୦୨୫କୁ ଆଜି ନୂଆଦିଲ୍ଲୀରେ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଉଦ୍‌ଘାଟନ କରିବେ । ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ୨୫ଟି ରାଜ୍ୟର ପ୍ରାୟ ୩୦୦ ଲକ୍ଷପତି ଦିଦି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି । ମହୋତ୍ସବ ଅବସରରେ ପ୍ରତିଷ୍ଠା କରାଯାଇଥିବା ୬୨ଟି ପ୍ରଦର୍ଶନୀ ମଣ୍ଡପ ମଧ୍ୟରୁ ୫୦ଟିରେ ରନ୍ଧାଖାଦ୍ୟ ପରିବେଷଣ କରାଯିବ । ହରିୟାଣା, ଅରୁଣାଚଳ ପ୍ରଦେଶ, ମହାରାଷ୍ଟ୍ର, କେରଳ, ଆସାମ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ ଏବଂ ଗୁଜୁରାଟ ଆଦି ରାଜ୍ୟ ଏହି ମହୋତ୍ସବରେ ଅଂଶଗ୍ରହଣ କରୁଛନ୍ତି । ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବ ପୂର୍ବାହ୍ନ ସାଢ଼େ ୧୧ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲାରହିବ ।

## ଶ୍ରୀଲଙ୍କା-ସାଇକ୍ଲୋନ

ଘୂର୍ଣ୍ଣିଝଡ଼ ଦିତ୍‌ୱା ପ୍ରଭାବରେ ଶ୍ରୀଲଙ୍କାରେ ମୃତ୍ୟୁସଂଖ୍ୟା ୩୩୪କୁ ବୃଦ୍ଧି ପାଇଛି । ୩୭୦ଜଣ ଏବେ ମଧ୍ୟ ନିଖୋଜ ଥିବା ଜଣାପଡିଛି । ବିଗତ ବର୍ଷଗୁଡ଼ିକ ମଧ୍ୟରେ ଶ୍ରୀଲଙ୍କା ସମ୍ମୁଖୀନ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ଘୂର୍ଣ୍ଣିଝଡ଼ ଦିତ୍‌ୱା ସବୁଠାରୁ ଭୟଙ୍କର ବୋଲି ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ଆକଳନ କରିଛି । ଭୂ-ସ୍ଖଳନ ଏବଂ ପ୍ରବଳ ବର୍ଷାଜନିତ ବନ୍ୟା ପରିସ୍ଥିତି ଯୋଗୁଁ ବିଭିନ୍ନ ଜିଲ୍ଲା ବିଚ୍ଛିନ୍ନ ହୋଇଛି । ଅପରେସନ ସାଗର ବନ୍ଧୁ ଅଧୀନରେ ଭାରତ ସେଠାରେ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହଯୋଗ ପ୍ରଦାନ କରୁଛି ।

ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ଏନ୍‌ଡିଆର୍‌ଏଫ୍ ଦଳ ନିୟୋଜିତ ହୋଇଛନ୍ତି । ଶ୍ରୀଲଙ୍କାରେ ଅଟକି ରହିଥିବା ୩୩୫ଜଣ ଭାରତୀୟଙ୍କୁ ବାୟୁସେନା ଦ୍ୱାରା ଉଦ୍ଧାର କରାଯାଇ ତିରୁବନନ୍ତପୁରମକୁ ଅଣାଯାଇଛି । ରାଷ୍ଟ୍ରପତି ଅନୁରାଗ କୁମାର ଦିଶାନାୟକେ ଗତକାଲି ଦେଶବାସୀଙ୍କୁ ସମ୍ବୋଧନ କରି ରିଲିଫ ଏବଂ ପୁନଃଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହ ଜରୁରୀକାଳୀନ ପରିସ୍ଥିତିର ସଠିକ୍ ବିନିଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ଶ୍ରୀଲଙ୍କା ଓ ଭାରତୀୟ ସେନା ବିଭିନ୍ନ ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରୁଛନ୍ତି । ଭାରତୀୟ ବାୟୁସେନାର ହେଲିକପ୍ଟର ଗୁଡ଼ିକ ପ୍ରଭାବିତ ଅଞ୍ଚଳରେ ଜରୁରୀ ସାମଗ୍ରୀ ପହଞ୍ଚାଇବାରେ ସହଯୋଗ ପ୍ରଦାନ କରୁଛନ୍ତି । ଅନ୍ୟପକ୍ଷରେ ବର୍ଷା ଜାରି ରହିବା ଯୋଗୁଁ ନଦୀ ଜଳସ୍ତର ବୃଦ୍ଧି ପାଇବା ସହିତ ଭୂ-ସ୍ଖଳନ ବିପଦ ନେଇ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଶ୍ରୀଲଙ୍କାରୁ ଉଦ୍ଧାର କରାଯାଇଥିବା ଭାରତୀୟ ତିରୁବନନ୍ତପୁରମରେ ପହଞ୍ଚିବା ପରେ ସେମାନଙ୍କୁ ନିଜନିଜ ଘରକୁ ଫେରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରୀଲଙ୍କାରେ ଭାରତୀୟ ବାୟୁସେନା ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆଜି ମଧ୍ୟ ଜାରି ରହିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି ।

## ସାଇକ୍ଲୋନ ଦିତ୍‌ୱା

ଘୂର୍ଣ୍ଣିଝଡ଼ ଦିତ୍‌ୱା ଗଭୀର ଅବପାତରେ ପରିଣତ ହୋଇଛି । କୁଡ୍ଡାଲୋରର ୯୦ କିଲୋମିଟର ପୂର୍ବକୁ, କରାଇକାଲର ୧୩୦ କିଲୋମିଟର ଉତ୍ତରପୂର୍ବ, ପୁଡୁଚେରୀର ୯୦ କିଲୋମିଟର ପୂର୍ବକୁ ଏବଂ ଚେନ୍ନାଇର ୧୪୦

କିଲୋମିଟର ପୂର୍ବରେ ଏହି ଘୂର୍ଣ୍ଣିଝଡ଼ ରହିଛି । ଉତ୍ତର ତାମିଲନାଡୁଠାରୁ ପଣ୍ଡିଚେରୀ ଉପକୂଳକୁ ପ୍ରାୟ ଉତ୍ତରଆଡକୁ ସମାନ୍ତରାଳ ଭାବେ ଏହା ଗତି କରିବାର ଅଧିକ ସମ୍ଭାବନା ରହିଛି । କ୍ରମଶଃ ଏହା ଦୁର୍ବଳ ହୋଇ ଅବପାତରେ ପରିଣତ ହେବା ନେଇ ଅନୁମାନ କରାଯାଇଛି । ଦକ୍ଷିଣପଶ୍ଚିମ ବଙ୍ଗୋପ ସାଗର ଉପରେ ଉତ୍ତର ତାମିଲନାଡୁ-ପୁଡୁଚେରୀ ଉପକୂଳରୁ ୪୦ କିଲୋମିଟର ଏବଂ ୨୦ କିଲୋମିଟର ଦୂରତା ମଧ୍ୟରେ କେନ୍ଦ୍ରୀଭୂତ ହେବାର ସମ୍ଭାବନା ରହିଛି । କରାଇକାଲ ଏବଂ ଚେନ୍ନାଇର ଡପଲର ପାଣିପାଗ ରାଡାର ଦ୍ୱାରା ବାତ୍ୟାର ଗତିବିଧି ଉପରେ ନଜର ରଖାଯାଇଛି । ଚେନ୍ନାଇ, ଏନୋର, କଟୁପାଲ୍ଲୀ, ପୁଡୁଚେରୀ, କୁଡ୍ଡାଲୋର, ନାଗାପଟ୍ଟିନମ୍, କରାଇକାଲ, ପାମ୍ବନ ଏବଂ ଥୁଟୁକୁଡି ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି ।

## ନଡ୍ଡା-ଏଡ୍ସ ଡେ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡାଙ୍କ ନେତୃତ୍ୱରେ ଆଜି ଜାତୀୟସ୍ତରୀ ବିଶ୍ୱ ଏଡ୍ସ ଦିବସ-୨୦୨୫ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏଚ୍.ଆଇ.ଭି.ର ପ୍ରତିକାରମୂଳକ ଚିକିତ୍ସା, ଯତ୍ନ ଏବଂ ସାମାଜିକ ଭ୍ରାନ୍ତ ଧାରଣା ଦୂରୀକରଣ ଦିଗରେ ଜାତୀୟ ସ୍ତରରେ ଉନ୍ନତ ବ୍ୟବସ୍ଥା କରିବାପାଇଁ ସରକାରଙ୍କ ପ୍ରତିବଦ୍ଧତା ଦର୍ଶାଇବା ଏହି ଦିବସ ପାଳନର ଲକ୍ଷ୍ୟ ରହିଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଏଡ୍ସକୁ ପ୍ରତିହତ କରିବା ପାଇଁ ସରକାରୀସ୍ତରୀୟ କାର୍ଯ୍ୟକର୍ତ୍ତା, ଅଂଶୀଦାର, ଯୁବ ପ୍ରତିନିଧି, ଏଚ.ଆଇ.ଭି. ସଂକ୍ରମିତ ବ୍ୟକ୍ତି ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ଏକତ୍ର କରାଯାଉଛି । ଜନସାଧାରଣଙ୍କ ମଧ୍ୟରେ ଏଡ୍ସ ଭଳି ସ୍ୱାସ୍ଥ୍ୟ ଆତଙ୍କର ମୂଳପୋଛ କରିବାପାଇଁ ଭାରତର ଯାତ୍ରାକୁ ତ୍ୱରାନ୍ୱିତ କରିବା ଲାଗି ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ । ଏହି ଅବସରରେ

ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥା - NACO ଅଧୀନରେ ଏକ ନୂତନ ପ୍ରଚାର ଭିଡ଼ିଓ ସିରିଜ୍‌ର ଶୁଭାରମ୍ଭ କରାଯିବ । ସଙ୍ଗୀତ କାର୍ଯ୍ୟକ୍ରମ ଏବଂ ତ୍ୱରିତ ପରୀକ୍ଷଣ, ଚିକିତ୍ସା ଏବଂ ବିଶ୍ୱାସର ସହ ଜୀବନ ଯାପନର ବିଶେଷତ୍ୱକୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯିବ ।

## ଗୀତା ଜୟନ୍ତୀ

ଗୀତା ଜୟନ୍ତୀ ଆଜି ପାଳନ କରାଯାଉଛି । ଭଗବାନ ଶ୍ରୀକୃଷ୍ଣ ୫ହଜାର ବର୍ଷରୁ ଅଧିକ ସମୟ ପୂର୍ବେ କୁରୁକ୍ଷେତ୍ରର ଯୁଦ୍ଧଭୂମିରେ ଅର୍ଜୁନଙ୍କୁ ଭଗବତ ଗୀତାର କାଳଜୟୀ ବ୍ୟାଖ୍ୟା ପ୍ରଦାନ କରିଥିଲେ । ଗୀତା ଜୟନ୍ତୀ ପାଳନ ଶ୍ରୀକୃଷ୍ଣଙ୍କ ପ୍ରଦତ୍ତ ଏହି ଜ୍ଞାନ ସମ୍ପର୍କରେ ସ୍ମରଣ କରାଇଥାଏ । ଲୋକଙ୍କ ଆଧ୍ୟାତ୍ମିକ ଏବଂ ଦୈନନ୍ଦିନ ଜୀବନରେ ଭଗବତ୍ ଗୀତା ମାର୍ଗଦର୍ଶନ କରିଆସୁଛି । ଜୀବନ, କର୍ତ୍ତବ୍ୟ ଏବଂ ଅସ୍ତିତ୍ୱର ନିଗୁଢ଼ ରହସ୍ୟ ଆଧାରିତ ବିଭିନ୍ନ ମୌଳିକ ପ୍ରସଙ୍ଗର ସମାଧାନର ପନ୍ଥା ଭଗବତ ଗୀତା ଆମକୁ ପ୍ରଦାନ କରିଥାଏ । ଭଗବତ୍ ଗୀତା ଜ୍ଞାନ ଆହରଣ ଏବଂ ସେଗୁଡ଼ିକୁ ନିଜ ଜୀବନରେ ସାମିଲ କରିବା ସମ୍ପର୍କିତ ସଚେତନତା ବୃଦ୍ଧି ଗୀତାଜୟନ୍ତୀ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱସ୍ତରରେ ଭଗବତ୍ ଗୀତା ପ୍ରତି ବୃଦ୍ଧି ପାଉଥିବା ଆଗ୍ରହ ଉପରେ ଆଲୋକପାତ କରିଛନ୍ତି । ୟୁରୋପ୍ ଏବଂ ମଧ୍ୟଏସିଆ ସମେତ ବହୁ ଦେଶର ଲୋକ ହରିୟାଣାର କୁରୁକ୍ଷେତ୍ରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଗୀତା

ମହୋତ୍ସବରେ ଅଂଶଗ୍ରହଣ କରିବା ଏହାକୁ ପ୍ରମାଣ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଜିଏସ୍‌ଟି-ଟେକ୍ସଟାଇଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଗତ ସେପ୍ଟେମ୍ବର ମାସ ୨୨ ତାରିଖରେ ଘୋଷିତ ଜିଏସ୍‌ଟି ସଞ୍ଚୟ ଉତ୍ସବ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସୁଫଳ ପ୍ରଦାନ କରୁଛି । ପରବର୍ତ୍ତୀ ପୀଢ଼ି ଜିଏସ୍‌ଟି ସଂସ୍କାର ବୟନଶିଳ୍ପ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରୁଛି । ହସ୍ତନିର୍ମିତ ତନ୍ତୁ ଏବଂ ସୂତା ଉପରେ ଜିଏସ୍‌ଟି ହାର ୫ ପ୍ରତିଶତକୁ ହ୍ରାସ କରାଯାଇଛି । ୨ହଜାର ୫୦୦ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ପ୍ରସ୍ତୁତ ପୋଷାକ ଉପରେ ଜିଏସ୍‌ଟି ହାର ୫ ପ୍ରତିଶତକୁ ହ୍ରାସ ପାଇଛି । ପରବର୍ତ୍ତୀ ପୀଢ଼ି ଜିଏସ୍‌ଟି ସଂସ୍କାର ବିଶ୍ୱ ବଜାରରେ ବୟନଶିଳ୍ପର ରପ୍ତାନୀ ପ୍ରତିଯୋଗିତାକୁ ତ୍ୱରାନ୍ୱିତ କରିବା ସହ ଲୋକଙ୍କ ଆର୍ଥିକ ବୋଝ ହ୍ରାସ କରିଛି ।

## ଇଣ୍ଡିଆ-ଡବ୍ଲ୍ୟୁଏସ୍‌ଏସି

ବିଶ୍ୱ ଦକ୍ଷତା ଏସିଆ ପ୍ରତିଯୋଗିତା ୨୦୨୫ରେ ଭାରତ ପ୍ରଥମଥର ପାଇଁ ଅଂଶଗ୍ରହଣ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଗୋଟିଏ ରୌପ୍ୟ, ୨ଟି କାଂସ୍ୟପଦକ ସହ ଭାରତ ପାରମ୍ପରିକ ତଥା ପ୍ରଯୁକ୍ତିବିଦ୍ୟା ଆଧାରିତ ଦକ୍ଷତା ବର୍ଗରେ ଉତ୍କର୍ଷତା ପାଇଁ ୩ଟି ପଦକ ହାସଲ କରିଛି । ଏହି ପ୍ରତିଯୋଗିତାରେ ୨୯ଟି ଦେଶ ଅଂଶଗ୍ରହଣ କରିଛନ୍ତି । ଭାରତର ସଫଳତା ଉପରେ ଆଲୋକପାତ କରି ଦକ୍ଷତାବିକାଶ ଏବଂ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି ଯୁବପ୍ରତିଭାଙ୍କ ଆତ୍ମବିଶ୍ୱାସ, ସୃଜନଶୀଳତା ଏବଂ ଶୃଙ୍ଖଳାକୁ

ଏହା ପ୍ରତିପାଦନ କରୁଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀ ଏବଂ ବିଜେତାଙ୍କୁ ଶ୍ରୀ ଚୌଧୁରୀ ଅଭିନନ୍ଦନ ଜଣାଇଛନ୍ତି ।

## ଭାରତ-ଦକ୍ଷିଣ ଆଫ୍ରିକା କ୍ରିକେଟ୍

ପୁରୁଷ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି । ରାଞ୍ଚିରେ ଗତକାଲି ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ' ଦକ୍ଷିଣ ଆଫ୍ରିକାକୁ ୧୭ ରନ୍‌ରେ ପରାସ୍ତ କରିଛି । ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ଫିଲ୍‌ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ୍ ବିନିମୟରେ ୩୪୯ ରନ୍ ସଂଗ୍ରହ କରିଥିଲା । ୧୩୫ରନ୍‌ର ଶତକୀୟ ପାଳି ସହ ବିରାଟ କୋହଲି ୫୨ତମ ଶତକ ହାସଲ କରିଥିଲେ । ଅଧିନାୟକ କେ.ଏଲ୍.ରାହୁଲ ୬୦ରନ୍ ଏବଂ ରୋହିତ ଶର୍ମା ୫୭ ରନ୍ ସଂଗ୍ରହ କରିଥିଲେ । ୩୫୦ରନ୍ ବିଜୟଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ୪୯ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୩୩୨ ରନ୍ କରିବାକୁ ସକ୍ଷମ ହୋଇଥିଲା । କୁଲଦୀପ ଯାଦବ ୪ଟି ଏବଂ ହର୍ଷିତ ରାଣା ୩ଟି ୱିକେଟ୍ ହାସଲ କରିଥିଲେ । ବିରାଟ କୋହଲିଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚନା କରାଯାଇଛି ।

## ଫୁଟବଲ

୧୭ ବର୍ଷରୁ କମ୍ ଫୁଟବଲ ପ୍ରତିଯୋଗିତାରେ ଭାରତ ୨୦୨୬ ଏସିଆ କପ୍ ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ହାସଲ କରିଛି । ଅହମ୍ମଦାବାଦଠାରେ ଗତକାଲି ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ଇରାନ୍‌କୁ ୨-୧ ଗୋଲ୍‌ରେ ପରାସ୍ତ କରି ଏହି ସଫଳତା ପାଇଛି । ଅନ୍ୟପକ୍ଷରେ ଯୋଗ୍ୟତା ହାସଲ ପାଇଁ ଇରାନ୍‌କୁ ଏହି ମ୍ୟାଚ୍ ଡ୍ର ରଖିବାର ଆବଶ୍ୟକତା ରହିଥିଲା । ଭାରତୀୟ ଦଳର

ଏହି ସଫଳତା ପାଇଁ ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଶୁଭେଚ୍ଛା ଜଣାଇଛନ୍ତି ।